# ପ୍ରତିବାଦ

14/2/19

ଭୂସ୍ୱର୍ଗ ର ପୁଲୱାମା ସହରରେ ଆଜି
ପ୍ରଜ୍ଜ୍ୱଳିତ ହେଲା ଲୋହିଂ ନିଆଁ
କାଲେ ଆଜି ସୁରପାଲ୍ଲୀ ଆବାଳ ବୃଦ୍ଧ ବନିତା
ଲୁହରେ ଭିଜୁଛି ଆଜି ମୋ ଭାରତ ମାଆ - - -

ଆତଙ୍କବାଦ ରାକ୍ଷସ କବଳରେ
ଲିଭିଗଲା ଚାଳିଶଟି ଶରୀର ପ୍ରଦୀପ
କ୍ଷଣକରେ ଘଟିଗଲା ଏପରି ଏ ଅଘଟଣ
କାହାରି ମନରେ ଟିକେ ନଥିଲା ବିଶ୍ୱାସ - - -

ମା'ର ମମତା ଆଉ ପ୍ରିୟତମା ଲୁହ
ଧନ୍ୟେରା ଯେ ରାଜତରେ ହେବନି ପ୍ରତୀତ
ଭାରତ ମାତାର ତୁମେ ପ୍ରକୃତ ବୀର ସନ୍ତାନ
ତୁମ ପାଦେ କରୁ ଆଜି କୋଟି ପ୍ରଣିପାତ - - -

## ପ୍ରିୟତମର ଗାଁ

୫।୨।।୧

ନଦୀ ବକ୍ଷ ତଳୁ ଦିଶିଯାଉଥିଲା
ସୁନ୍ଦରର ନାଲି ହସ
ଶୀତୁଆ ପବନ ଦେହେ ନେଉଥିଲା
ସପନ ଅଦ୍ଭୁତ ଆସ
ସବୁ ଆପଣାର ଲାଗୁଥିଲା ମୋତେ
ସ୍ମରିତାଣେ ଥିଲା ଯାହା
ସେଇ ପ୍ରିୟତମ ଗାଁ - - - - - (୧)

ଯାଉଥିଲା ମନେ ବର୍ଷେ ଆଡି ଦିନେ
ଏଇବାଟେ ଯାଉଥିଲି
ନାଲି ଓଢ଼ଣାର ତଳୁ କେତେ ସ୍ୱପ୍ନ
ଆଶା ଦୀପ ଜଳିଥିଲି
ଜୀବନର ଆଜି ଅସ୍ତରାଗ ରେ ପୁଣି ଲାଗୁଥିଲା ନୂଆ
ସେ ତୋ ପ୍ରିୟତମ ଗାଁ - - - - - (୨)

ଗାଁ ମୁଣ୍ଡରେ ଦେବୀ ମନ୍ଦିରରେ ଯେବେ
ପାଦ ମୋ ଅଟକି ଗଲା
ଆଖିର ଲୁହରେ ହୃଦୟ କୋହରେ
ସାରା ଗାଁ ଦିଶୁଥିଲା
ବଡ଼ବୋଉ, ଖୁଡ଼ୀ, ଭାଉଜ ଡାକରେ ଭୁଲିଗଲି ମୁଁ ଦୁନିଆ - - -
ସେ ତୋ ପ୍ରିୟତମ ଗାଁ - - - - (୩)

ଶଙ୍ଖ ହୁଳହୁଳୀ ଧ୍ୱନିରେ ଯେଦିନ
ପ୍ରଥମେ ମୁଁ ପାଦ ଦେଲି
ଲାଜ ଲାଜ ଆଖି ଛନ ଛନ ମନ
ନଈଁ ପାରେ ଚାଲୁଥିଲି
ଚୁପି ଚୁପି କଣ୍ଠେ କିଏ ମୋ କହିଲା "ଏଇ ଆମ ଘର ପ୍ରିୟା" - - - -
ସେ ତୋ ପ୍ରିୟତମ ଗାଁ - - - - (୪)

ମନ ଖୋଜୁଥିଲା ଆଉଥରେ ଆଜି
ଫେରି ଆସନ୍ତା ସେ ଦିନ
ସ୍ମୃତି ଯାଉଥିବା ସବୁ ହସ ଖୁସି
ପ୍ରିୟ ବନ୍ଧୁ ସ୍ୱଜନ
ଆଶୀର୍ବାଦ କରି କୋଳାଗ ନିଅନ୍ତେ ଫେରି ଆସନ୍ତେ କି ଆଉ
ସେଇ ପ୍ରିୟତମ ଗାଁ - - - (୫)

ପ୍ରତି ଶ୍ରାବଣରେ ଆସୁଥିଲ ତୁମେ
କରି ରିମଝିମ ସ୍ୱର
ଉଦା କରୁଥିଲ ପୁର ଆସ୍ପଦ।
ହସ୍ତ କରି ଅନୁଭବ
ଶ୍ରାବଣୀ ଗୋ ତୁମେ ଭୁଲିଲ କେମିତି
ଏଭଳି ଆମ୍ଭର ଭାଗ୍ୟ।
ଦିଆ ନୁହେଁ ୬.୨.୫ କାମନା ଗୋ
ପୁଣିଥରେ ଜହିଭାବ।